# Akashvani, Sambalpur

## SAMBALPURI NEWS BULLETIN

### 11 September 2025 - 6.47- 6.52 am.

**********************************************

ରାଜ୍ୟ କେବିନେଟ                    ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍‌ଧାନୀ ଭୁବ୍‌ନେଶ୍ୱର୍ ପାଖେ ୮ ଶହ ଏକଡ୍ ଜମିଥି ଆଧୁନିକ୍ ଭୁବ୍‌ନେଶ୍ୱର୍ ତିଆର୍ କର୍‌ବାର୍‌କେ ରାଜ୍ୟ ସର୍‌କାର୍ ପଦକ୍ଷେପ୍ ମୁଲ୍ କରିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ହେଇଥିବା ରାଜ୍ୟ କେବିନେଟ୍‌ର ବୈଠକ୍‌ଥି ଇ ବାବଦ୍ ଗୁଟେ ପ୍ରସ୍ତାବ୍‌କେ ଅନୁମୋଦନ୍ ମିଲିଛେ । ବୈଠକ୍‌ଥି ୫ ଟା ବିଭାଗ୍‌ର ୫ ଟା ପ୍ରସ୍ତାବ୍ ଉପ୍‌ରେ ଆଲୋଚନା କରାଯାଇକରି ମଞ୍ଜୁର୍ କରାଯାଇଛେ । ସେଥିର୍‌ଭିତ୍‌ରେ ଗୋଷ୍ଠୀ ଉନ୍ନୟନ୍ ଅଧିକାରୀମାନ୍‌କର୍ ଆର୍ଥିକ୍ କ୍ଷମତା ବଢ଼ାବାର୍, ନିଯୁକ୍ତି ପରୀକ୍ଷା ଲାଗି ଫି’, ନୂଆଁ ଆମ୍ବୁଲେନ୍ସ ଘିନ୍‌ବାର୍ ବାବଦ୍ ପ୍ରସ୍ତାବ୍ ରହିଛେ ବଲି ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା କହିଛନ୍ ।

(ଭଏସ୍ ଓଭର୍- ମନୋଜ୍ ଆହୁଜା)

ଗଲା ୨୫ ଟା କେବିନେଟ୍ ବୈଠକ୍‌ଥି ଅନୁମୋଦିତ୍ ୩୪ ଟା ବିଭାଗ୍‌ର ଶହେ ୪୯ ପ୍ରସ୍ତାବ୍‌କେ ନେଇକରି ଗୁଟେ ସଂକଳନ୍ ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉନ୍ମୋଚନ୍ କରିଛନ୍ ।

ସମୀକ୍ଷା ବୈଠକ୍ ଏକ୍ସ

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଳନୀ କକ୍ଷ ନ ଗଲାକାଏଲ୍ ପଂଚାୟତିରାଜ୍, ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍ ଆଉ କ୍ରୀଡ଼ା, ଯୁବସେବା ବିଭାଗ୍‌ର ମିଳିତ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ରାଜ୍ୟର୍ ୩ ଶହ ୧୪ ଟା ବ୍ଲକ୍ ନ ତିଆର୍ ହେବାର୍‌କେ ଥିବାର୍ ବ୍ଲକ୍‌ସ୍ତରୀୟ ଷ୍ଟାଡ଼ିୟମ୍ ମାନ୍‌କର୍ ଅଗ୍ରଗତି ବାବ୍‌ଦେ ଆଲୋଚନା କରାଯାଇଛେ । ସେଥିର୍ ଭିତ୍‌ରୁ ଶହେ ୨୨ ଟା ଷ୍ଟାଡ଼ିୟମ୍‌ର କାମ୍ ପଂଚାୟତିରାଜ୍ ବିଭାଗ୍‌କେ ଦିଆଯାଇଥିବାର୍ ଜନାପଡ଼ିଛେ । ପ୍ରକଳ୍ପମାନ୍‌କୁ ଠିକ୍ ସମିଆଥି ସାର୍‌ବାର୍ ଲାଗି ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ନିର୍ଦ୍ଦେଶ୍ ଦେଇଛନ୍ । ବୈଠକ୍‌ଥି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାୟକ୍ ଭିଲ୍ ଉପସ୍ଥିତ୍ ଥିଲେ ।

ବେଙ୍କର୍ସ କମିଟି ବୈଠକ୍ I&PR

ଉନ୍ନୟନ୍ କମିଶନର୍ ଅନୁ ଗର୍ଗ ଆଉ ୟୁକୋ ବେଙ୍କ୍‌ର ପରିଚାଲନା ନିର୍ଦ୍ଦେଶକ ଅଶ୍ୱିନୀ କୁମାର୍‌ଙ୍କର୍ ସହ-ଅଧ୍ୟକ୍ଷତାଥି ଶହେ ୮୦ ନମ୍ବର୍ ରାଜ୍ୟସ୍ତରୀୟ ବେଙ୍କର୍ସ କମିଟି ବୈଠକ୍ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଠାନେ ହେଇଯାଇଛେ । ଇ ଅବ୍‌ସରେ ଶ୍ରୀମତୀ ଗର୍ଗ ଭିଜନ୍ ଡକ୍ୟୁମେଂଟ୍‌ଥି ଧାରିଜ୍ ଲକ୍ଷ୍ୟ ଅନ୍‌ସାରେ ଓଡ଼ିଶା ଲାଗି ଋଣ ୟୁଗେଇ ଦେବାର୍ ସହେତେ ମୋଟ୍ ଘରୋଇ ଉତ୍ପାଦ- ଜିଡ଼ିପି ଅନୁପାତ୍‌କେ ବଢ଼ାବାର୍ ଆଉ ଅଏତ୍‌କା ନିଯୁକ୍ତି ସୃଷ୍ଟି କର୍‌ବାର୍ ଉପ୍‌ରେ ଜୋର୍ ଦେଇଛନ୍ । ରାଜ୍ୟର୍ ପଛେ ପଡ଼ିଯାଇଥିବା ଜିଲ୍ଲାମାନ୍‌କୁ ଅଏତ୍‌କା ଧ୍ୟାନ୍ ଦେବାର୍ ଲାଗି ବେଙ୍କ୍ କର୍ତ୍ତୃପକ୍ଷଙ୍କୁ ଶ୍ରୀମତୀ ଗର୍ଗ ନିର୍ଦ୍ଦେଶ୍ ଦେଇଛନ୍ ।

ସମ୍ବଲପୁର୍ ବିଶ୍ୱବିଦ୍ୟାଲୟ,ଭିସୁଟ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଲୟର୍ ୩୫ ନମ୍ବର୍ ଆର୍ ଭିସୁଟ୍‌ର ୧୬ ନମ୍ବର୍ ସମାବର୍ତ୍ତନ୍ ଉତ୍ସବ୍‌ଥି ଯୋଗ୍ ଦେବାର୍‌କେ ଆଏବା ଶନିବାର୍ ଦିନ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ସମ୍ବଲ୍‌ପୁର୍ ଗସ୍ତଥି ଆସୁଛନ୍ । ସଖାଲେ ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଲୟ ଆର୍ ଉପର୍‌ବେଲା ଭିସୁଟ୍ ନ ସମାବର୍ତ୍ତନ୍ ଉତ୍ସବ୍ ହେବା । କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍, ଦକ୍ଷତା ବିକାଶ୍ ମନ୍ତ୍ରୀ ସମ୍ପଦ୍ ଚରଣ୍ ସ୍ୱାଇଁ ଆର୍

ସମ୍ବଲ୍‌ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ୍ ଦେବେ ।

ରାଜ୍ୟ ସଂସ୍କୃତି ବିଭାଗ୍-ୱେବ୍‌ସାଇଟ୍ I&PR

ରାଜ୍ୟ ସଂସ୍କୃତି ବିଭାଗ୍ ତର୍‌ଫୁ ଓଡ଼ିଶା ସଂଗୀତ ନାଟକ୍ ଏକାଡେମୀ, ଓଡ଼ିଶା ସାହିତ୍ୟ ଏକାଡେମୀ ଆଉ ଓଡ଼ିଶା ଲଳିତ୍ କଳା ଏକାଡେମୀ ଲାଗି ୩ ଟା ଖାସ୍ ୱେବ୍‌ସାଇଟ୍ ଉନ୍ମୋଚନ୍ କରାଯାଇଛେ । ଇତାର୍ ଜରିଏ ଲୁକେ ଏକାଡେମୀ ବାବଦ୍ ଭିନ୍ ଭିନ୍ ତଥ୍ୟ ପାଇପାର୍‌ବେ । ଇତାର୍ ସହେତେ ବିଭାଗ୍ ଅଧୀନ୍‌ଥି ଥିବା ରବୀନ୍ଦ୍ର ମଣ୍ଡପ୍, ଭଞ୍ଜକଳା ମଣ୍ଡପ୍ ଆର୍ ଉତ୍କଳ ମଣ୍ଡପ୍ ଲାଗି ଅନ୍‌ଲାଇନ୍ ବୁକିଂ କର୍‌ବାର୍‌କେ 'ମଣ୍ଡପ୍ ୱେବ୍‌ସାଇଟ୍' ନାଁଥି ଆଉ ଗୁଟେ ୱେବ୍‌ସାଇଟ୍ ଉନ୍ମୋଚିତ୍ ହେଇଛେ । ଗୁରୁ କେଲୁଚରଣ୍ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଠାନେ ହେଇଥିବା ଗୁଟେ ଖାସ୍ କାର୍ଯ୍ୟକ୍ରମ୍ ଜରିଏ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଇତାକେ ଉନ୍ମୋଚନ୍ କରିଛନ୍ ।

ସର୍‌କାରୀ କାମ୍- ଓଡ଼ିଆ ଭାଷା I&PR

ଓଡ଼ିଆ ଭାଷା ପ୍ରତିଷ୍ଠାନ୍ ତର୍ଫୁ ଭୁବ୍ନେଶ୍ୱର୍ ସଂସ୍କୃତି ଭବନ୍ ଠାନେ ହେଇଥିବା ସର୍କାରୀ କାମ୍ଥି ଓଡ଼ିଆ ଭାଷାର୍ ବେଭାର୍ ତାଲିମ୍ କାର୍ଯ୍ୟକ୍ରମ୍ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଆମର୍ ଭାଷା- ଆମର୍ ପରିଚୟ ଆଉ ଓଡ଼ିଆ ଭାଷାର୍ ପ୍ରଚାର୍ ପ୍ରସାର୍ ସହେତେ ସର୍କାରୀ କାମ୍ ମାନ୍‌କେ ଇତାକେ ବେଭାର୍ କର୍‌ବାର୍ ଦିଗେ ସଭେ ମିଲିମିଶି କାମ୍ କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ ।

ଜାତୀୟ ଶିକ୍ଷାନୀତି-କର୍ମଶାଳା I&PR

ଭୁବ୍ନେଶ୍ୱର୍ ଆଂଚଲିକ୍ ଶିକ୍ଷା ପ୍ରତିଷ୍ଠାନ୍ ତର୍ଫୁ ଜାତୀୟ ଶିକ୍ଷାନୀତି - ୨୦୨୦ ଲାଗୁ କର୍‌ବାର୍ ବାବଦ୍ ଗୁଟେ ଦିନ୍‌କିଆ କର୍ମଶାଳା ଗଲାକାଏଲ୍ ହେଇଯାଇଛେ । ପ୍ରତିଷ୍ଠାନ୍ ସଙ୍ଗେ ବୁଝାମଣା ସ୍ୱାକ୍ଷର୍ କରିଥିବା ରାଜ୍ୟର୍ ଭିନ୍ ଭିନ୍ ଶିକ୍ଷାନୁଷ୍ଠାନ୍ ଇଥି ଭାଗ୍ ନେଇକରି ଜାତୀୟ ଶିକ୍ଷାନୀତି ଲାଗୁ କର୍‌ବାର୍ ଉପ୍‌ରେ ତାଲିମ୍ ନେଇଥିଲେ ।

କଙ୍କ୍‌ଡ଼ା ଜାଆଁଳା ଉତ୍ପାଦନ୍ କେନ୍ଦ୍ର I&PR

ପାରାଦ୍ୱୀପ୍ ଠାନେ ଖୋବ୍ ଜଲ୍‌ଦି ତିଆର୍ ହେବା କଙ୍କ୍‌ଡ଼ା ଜାଆଁଳା ଉତ୍ପାଦନ୍ କେନ୍ଦ୍ର । ଇଥିର୍‌ଲାଗି ଜଙ୍ଗଲ୍ ଆଉ ପରିବେଶ୍ ବିଭାଗ୍ ତର୍ଫୁ

ଭିନ୍ ଭିନ୍ ଅଂଶୀଦାର୍ଙ୍କର୍ ସଙ୍ଗେ ତ୍ରିପାକ୍ଷିକ୍ ରାଜିନାମା ସ୍ୱାକ୍ଷର୍ ହେବାର୍କେ ଯାଉଛେ ବଲି ବିଭାଗୀୟ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ କହିଛନ୍ । ସେ କହିଛନ୍, ୨ କୋଟି ୮୧ ଲାଖ୍ ଟଙ୍କା ଖର୍ଚ୍ଚା ଥି ଥାପ୍‌ନା ହେବାର୍କେ ଥିବା କେନ୍ଦ୍ରର୍ ଉତ୍ପାଦନ୍ କ୍ଷମତା ୫ ଲାଖ୍ ରହେବା । ଇ କେନ୍ଦ୍ର କାର୍ଯ୍ୟକ୍ଷମ୍ ହେଲେ ଓଡ଼ିଶାର୍ କଙ୍କ୍‌ଡ଼ା ଚାଷୀମାନ୍‌କୁ ଆଉ ଚେନ୍ନଇ ଉପ୍‌ରେ ନିର୍ଭର୍ ରହେବାର୍କେ ନାଇଁ ପଡ଼େ ବଲି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍ ।

ପାଣିପାଗ୍      ଆର୍‌ଏନ୍‌ୟୁ/ ସମ୍ୱଲପୁର

ଦକ୍ଷିଣ ଓଡ଼ିଶା ଆଉ ଉତର୍ ଆନ୍ଧ୍ରପ୍ରଦେଶ୍ ପାଖେ ବଙ୍ଗୋପ୍‌ସାଗର୍ ନ ଫେର୍‌ଘୁଟେ ଘୂର୍ଣ୍ଣିବଲୟ ବନିଛେ । ଇତାର୍ ପ୍ରଭାବ୍‌ଥି ରାଏଜେ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା  ଭିତ୍‌ରେ କୋରାପୁଟ୍, ମାଲ୍‌କାନ୍‌ଗିରି ସହେତେ  ୬ ଟା ଜିଲ୍ଲା ନ ଘଡ଼୍‌ଘଡ଼ି ସଙ୍ଗେ ଅତି ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।